# ରେନ୍‌ବୋ ପ୍ରାଇଡ୍ ୱାକ୍: ଜୁଲାଇ ୩, ୨୦୧୦: ଭୁବନେଶ୍ୱର

## ସାମାଜିକ ପରିବର୍ତ୍ତନ ପାଇଁ ଆମ ସହ ପାଦ ମିଳାନ୍ତୁ

## ସାମାଜିକ ବାସନ୍ଦର ଶିକାର ହୋଇ ହଜି ଯାଇଥିବା ବନ୍ଧୁମାନଙ୍କ ସ୍ମୃତିଚାରଣ କରିବା ପାଇଁ ଆମ ସହିତ ଯୋଗ ଦିଅନ୍ତୁ

## ଭାରତୀୟ ଦଣ୍ଡବିଧିର ଧାରା ୩୭୭: ବିଦାୟ ?

**ବର୍ଷର ସେହି ସମୟ ପୂନର୍ବାର ଆସିଛି:** ଏହା ଯୌନତାର ବିଭିନ୍ନତାକୁ ଆନନ୍ଦର ସହିତ ପାଳିବାର ସମୟ ଅଟେ । ସାମାଜିକ ନିତି ନିୟମ ଯାହାକି ଲିଙ୍ଗ ଓ ଯୌନତା ଭିତ୍ତିରେ ଲୋକମାନଙ୍କୁ ନିଷ୍କେଷିତ କରି ରଖିଥିଲା ସେଥିରେ ପରିବର୍ତ୍ତନ ଆଣିବାର ପ୍ରତିଜ୍ଞାକୁ ପୂର୍ନଜୀବିତ କରିବା ପାଇଁ ଆଗେଇ ଆସନ୍ତୁ । ଦୁର୍ଭାଗ୍ୟ ବଶତଃ ଭାରତ ବର୍ଷରେ ଏବେ ମଧ୍ୟ ଆମର ଭାରତୀୟ ପିଙ୍ଗଲକୋଡ୍‌ରେ ଧାରା ୩୭୭ (ଯାହାକି ୧୮୬୦ ମସିହାରେ ଲିପିବଦ୍ଧ କରାଯାଇଥିଲା) ପ୍ରଚଳିତ ଯାହାକି ଲିଙ୍ଗ–ଯୋନି ବ୍ୟତୀତ ଅନ୍ୟ ସମସ୍ତ ପ୍ରକାର ଯୌନ ସଂପର୍କକୁ ଅପରାଧ ଆଖ୍ୟା ଦେଇଥାଏ । ଏହି ଧାରା ଅନୁଯାୟୀ ଯୌନ ସଂପର୍କର ମୂଳ ଲକ୍ଷ ହେଉଛି ନୂତନ ଜୀବନର ସୃଷ୍ଟି ତେଣୁ ସହମତି ଥିବା ପ୍ରାପ୍ତ ବୟସ୍କଙ୍କ ମଧ୍ୟରେ ମୁଖ ମୈଥୁନ ଏବଂ ଗୁହ୍ୟ ଦ୍ୱାର ମୈଥୁନକୁ ମଧ୍ୟ ଅପରାଧର ଆଖ୍ୟା ଦିଆଯାଏ । କିନ୍ତୁ ଏହା କେବଳ ବିବିଧ ଯୌନ କ୍ରିୟାର ସମସ୍ୟା ନୁହେଁ ବରଂ ମାନବ ସମାଜର ବିବିଧତା, ସମ୍ମାନ ଓ ଅଧିକାରକୁ ସମ୍ମାନ ପ୍ରଦର୍ଶନ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଅଟେ ।

**ଧାରା ୩୭୭** ଯାହା ବର୍ତ୍ତମାନ ସୁଧା ବି ପ୍ରାପ୍ତ ବୟସ୍କଙ୍କ ମଧ୍ୟରେ ଗୋପନୀୟତାରେ ଓ ସହମତି ପୂର୍ବକ ଯୌନ କ୍ରିୟାକୁ ମଧ୍ୟ ଅପରାଧ ରୂପେ ପରିଗଣିତ କରୁଥିଲା । ତାହାକୁ ୨୦୦୯ ମସିହା ଜୁଲାଇ ଦୁଇ ତାରିଖରେ ମାନ୍ୟବର ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଭାରତୀୟ ସମ୍ବିଧାନ ଅନୁଯାୟୀ ମୌଳିକ ଅଧିକାର ଉଲଙ୍ଘନ କରେ ବୋଲି ଘୋଷଣା କଲା । ମୂଳତଃ ଏହା ବ୍ୟକ୍ତିର ଗଣତାନ୍ତ୍ରିକ ଅଧିକାର କ୍ଷୁର୍ଣ୍ଣ କରିବା ସହିତ ଭାରତୀୟ ସମ୍ବିଧାନର ଆଭିମୁଖ୍ୟ ବିରୋଧରେ ଯାଇଥାଏ । ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ରାୟ ଅନୁଯାୟୀ ଧାରା ୩୭୭ ସମ୍ବିଧାନର ଧାରା ୧୪ (ଆଇନ ଦୃଷ୍ଟିରେ ସମସ୍ତେ ସମାନର ଅଧିକାର), ଧାରା ୧୫ (ଧର୍ମ, ଗୋଷ୍ଠି, ଜାତି ଓ ଜନ୍ମଗତ ସ୍ଥାନ ଭିତ୍ତିରେ ବାଛବିଚାର ରୁ ନିବୃତ୍ତ), ଧାରା ୨୧ (ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା ଅଧିକାର)କୁ ସମ୍ପୂର୍ଣ୍ଣ ଭାବେ ଉଲଙ୍ଘନ କରିଥାଏ । କିନ୍ତୁ ଦିଲ୍ଲୀ ଉଚ୍ଚନ୍ୟାୟାଳୟର ଐତିହାସିକ ରାୟର ଏକ ବର୍ଷ ପରେ ମଧ୍ୟ ପରିସ୍ଥିତି କେତେ ମାତ୍ରାରେ ପରିବର୍ତ୍ତନ ହୋଇଛି ?

---

ଭୁବନେଶ୍ୱରରେ ବାସ କରୁଥିବା ରିମା (ଛଦ୍ମ ନାମ) ନାମକ ଜଣେ ରୂପାନ୍ତର କାମୀ ବ୍ୟକ୍ତି ଓଡ଼ିଶା ସରକାରଙ୍କ ଏକ ବିଭାଗରେ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିଲେ । ଗତବର୍ଷ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଐତିହାସିକ ରାୟ ଦେଇଥିବା ଅବସରରେ ସେ ତାଙ୍କ ଲିଙ୍ଗଗତ ପରିଚୟ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଥିଲେ। ତା ପରଠାରୁ ତାଙ୍କ ସହକର୍ମୀମାନେ ତାଙ୍କୁ ଘୃଣା ବାଛନ୍ଦ କରିବା ଆରମ୍ଭ କରିଥିଲେ । ଯାହା ଫଳରେ ପରିଶେଷରେ ତାଙ୍କୁ କାର୍ଯ୍ୟରୁ ନିବୃତ୍ତ କରାଯାଇଥିଲା ଏବଂ ବର୍ତ୍ତମାନ ସେ ତାଙ୍କ ଜୀବିକା ନିର୍ବାହ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

---

**ଏଗୁଡ଼ିକ କୌଣସି ଐତିକ ଘଟଣା ନୁହେଁ ।** ସହକାମୀ, ଉଭୟକାମୀ ତଥା ରୂପାନ୍ତର କାମୀ ପୁରୁଷ ଓ ମହିଳା ତଥା ଅନ୍ୟ ଯୌନ ସଂଖ୍ୟାଲଘୁମାନଙ୍କୁ ସବୁବେଳେ ସମାଜ ଆଗରେ ମୁଣ୍ଡ ନୁଆଁଇ ବଞ୍ଚିବାକୁ ପଡ଼ିଥାଏ । ଘର ତଥା ସର୍ବୋପରି ସମାଜ ଦ୍ୱାରା ତିରସ୍କାର ଓ ହିଂସାର ସମ୍ମୁଖୀନ ହେଉଥିବା ଯୋଗୁଁ ସେମାନେ ଅଧିକାଂଶ ସମୟ ସେମାନଙ୍କର ଦୁଃଖ, କଷ୍ଟ, ଏକାନ୍ତ ବୋଧ ଓ ଦୋଷୀ ଭାବ ପରିପ୍ରକାଶ କରିଥାନ୍ତି । ନିଜ ପସନ୍ଦର ଲିଙ୍ଗଗତ ଓ ଯୌନଗତ ପରିଚୟ ସହ ବଞ୍ଚିବା ଓ ଏହାର ପରିପ୍ରକାଶ କରିବା ବହୁ ସମୟରେ ହିଂସା, ମାନସିକ ଚାପ, ସାମାଜିକ ବାଛନ୍ଦ, ସ୍ୱାସ୍ଥ୍ୟଗତ ସମସ୍ୟା ଓ ଧାରା ୩୭୭ ଅନ୍ତର୍ଗତ କାର୍ଯ୍ୟାନୁଷ୍ଠାନ ଇତ୍ୟାଦିର ଭୟ ସୃଷ୍ଟି କରିଥାଏ । ଯୌନ ସଂଖ୍ୟାଲଘୁ ଗୋଷ୍ଠୀଙ୍କ ପାଇଁ ଜୀବନ ରକ୍ଷାକାରୀ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଥିବା ବେସରକାରୀ ସଂସ୍ଥା ଗୁଡ଼ିକ ମଧ୍ୟ ସାମାଜିକ ତଥା ଆଇନ ଗତ ବାସନ୍ଦର ଭୟ ମଧ୍ୟରେ କାର୍ଯ୍ୟକରନ୍ତି । ଏହା ଅନେକ ବ୍ୟକ୍ତିଙ୍କ ପାଇଁ ଘାତକ ପ୍ରମାଣିତ ହୋଇଛି ।

ଯଦିଓ ଧାରା ୩୭୭ ଉଭୟ ସମକାମୀ ଯୌନସଙ୍ଗୀ ଓ ବିପରୀତକାମୀ ଯୌନ ସଙ୍ଗୀଙ୍କ ପାଇଁ ସମାନ ଭାବେ ପ୍ରଜୁଯ୍ୟ କିନ୍ତୁ ମୁଖ୍ୟତଃ ସମକାମୀ ଯୌନସଙ୍ଗୀ ମାନେ ଏହି ଆଇନର କୁପରିଣାମର ଶିକାର ହୋଇଥାନ୍ତି । ଏହା ଯୌନ ଓ ଯୌନତା ପ୍ରତି ସମାଜରେ ଥିବା ଛଳନାତ୍ମକ ମନୋଭାବର ଏକ ନମୂନା ଅଟେ ଏବଂ ଏଥିରେ ବ୍ରିଟିଶ୍ ଅମଳରେ ପ୍ରଚଳିତ ଆଇନ କାନୁନର ପ୍ରଭାବ ପରିଲକ୍ଷିତ ହୁଏ । କୌଣସି ପ୍ରକାର ଯୌନ ଭିନ୍ନତା ସହଜରେ ସାମାଜିକ କୁଦୃଷ୍ଟିର ଶିକାର ହୋଇଥାଏ । ସମଲିଙ୍ଗି ସମ୍ପର୍କ ଚିରାଚରିତ ଭାରତୀୟ ସାମାଜିକ ମୂଲ୍ୟବୋଧ ବିରୋଧରେ ଯାଇଥାଏ ବୋଲି ବିଶ୍ୱାସ କରାଯାଏ, ଯାହାକି ଏକ ଛଳନାତ୍ମକ ଚିନ୍ତାଧାରାର ଉଦାହରଣ ଅଟେ । ବିଶ୍ୱ ପ୍ରସିଦ୍ଧ କୋଣାର୍କ ଓ ଖଜୁରାହୋ ମନ୍ଦିର ଏବଂ କାମସୂତ୍ର ପୁସ୍ତକ ଆମ ଇତିହାସରେ ଥିବା ଯୌନ ବିଭିନ୍ନତାର ଉଦାହରଣ ପ୍ରଦାନ କରିଥାଏ । ସ୍ୱାସ୍ଥ୍ୟ ସଂସ୍ଥା ଯେପରିକି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ୧୯୯୦ ମସିହାରେ ସମଲିଙ୍ଗି ଯୌନ ସମ୍ପର୍କକୁ ମାନସିକ ରୋଗ ଶ୍ରେଣୀରୁ ବାଦ କରିଦେଇଛି ।

ଆମର ଲିଙ୍ଗଗତ ବା ଯୌନଗତ ପରିଚୟ ଯାହା ହୋଇଥାଉ ବା ଆମେ ରାଜନେତା, ନିତି ନିର୍ଦ୍ଧାରକ, ଡାକ୍ତର, ଓକିଲ, କଳାକାର, ଗଣ ମାଧ୍ୟମରେ କର୍ମକର୍ତ୍ତା ବା ସାଧାରଣ ନାଗରିକ ମଧ୍ୟ ହୋଇଥାଉ, ଏହା ବାସ୍ତବରେ ଆମ ସମସ୍ତଙ୍କ ପାଇଁ ଏକ ସମୟ ଅଟେ କି ଆମେ ଲିଙ୍ଗ, ଲିଙ୍ଗଗତ ପରିଚୟ ଓ ଯୌନତା ନେଇ ଜଡ଼ିତ ମୂଲ୍ୟବୋଧକୁ ପୂର୍ନବିଚାର କରିବା ଆବଶ୍ୟକ ଅଟେ । ଏବଂ ଏହି ଦିଗରେ ଏକ ମୂଖ୍ୟ ପଦକ୍ଷେପ ହେଉଛି ସମଲିଙ୍ଗି ପ୍ରେମକୁ ଅପରାଧିକରଣ ଆଇନରେ ଆବଶ୍ୟକ ପରିବର୍ତ୍ତନ ଆଣିବା ।

**ଧାରା ୩୭୭ ବିରୋଧରେ ଅଭିଯାନ:** ବିଗତ ଆଠ ବର୍ଷର ଆନ୍ଦୋଳନାତ୍ମକ ପ୍ରଚେଷ୍ଟାର ଫଳ ସ୍ୱରୂପ ୨୦୦୯ ମସିହା ଜୁଲାଇ ୨ ତାରିଖରେ ଦିଲ୍ଲୀ ଉଚ୍ଚନ୍ୟାୟାଳୟ ସମ୍ମତିପୂର୍ଣ୍ଣ ପ୍ରାପ୍ତ ବୟସ୍କଙ୍କ ସମଲିଙ୍ଗି ସଂପର୍କକୁ ଅପରାଧ ଭାବେ ବିଚାର କରୁଥିବା ଆଇନକୁ ଖାରଜ କରିବା ପାଇଁ ନିଷ୍ପତ୍ତି ଶୁଣାଇ ଥିଲେ ।

ନାଜ୍ ଫାଉଣ୍ଡେସନ୍ ଟ୍ରଷ୍ଟ (ଇଣ୍ଡିଆ) ଦ୍ୱାରା ୨୦୦୧ ମସିହାରେ ଦାୟର କରାଯାଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରି ଦିଲ୍ଲୀ ଉଚ୍ଚନ୍ୟାୟାଳୟ ଉପରୋକ୍ତ ଆଦେଶ ପ୍ରଦାନ କରିଥିଲେ । ଖାରଜ କରିବାର ନିଷ୍ପତ୍ତିକୁ ସାର୍ବଜନୀନ ସାମୂହିକ ସଂଗଠନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ଜାତୀୟ ଏଡ୍ସ୍ ନିୟନ୍ତ୍ରଣ ସଂଗଠନ ଦ୍ୱାରା ସମର୍ଥନ କରାଯାଇଥିଲା । ନୋବେଲ୍ ପୁରସ୍କାର ପ୍ରାପ୍ତ ଅର୍ମତ୍ୟ ସେନ୍‌ଙ୍କ ଭଳି ପ୍ରସିଦ୍ଧ ବ୍ୟକ୍ତି ମାନେ ମଧ୍ୟ  ଧାରା ୩୭୭ ବିରୋଧରେ ଚାଲିଥିବା ଅଭିଯାନକୁ ସମର୍ଥନ କରି ଆସୁଛନ୍ତି ।

**ଅଭିଯାନ ଏବେ ବି ସରିନାହିଁ !** ଧାରା ୩୭୭ ସର୍ନ୍ଦଭରେ ଦିଲ୍ଲୀ ଉଚ୍ଚନ୍ୟାୟାଳୟର ନିଷ୍ପତ୍ତି ବିରୁଦ୍ଧରେ ଦାୟର ହୋଇଥିବା ଅନେକ ଗୁଡ଼ିଏ ମାମଲାର ଶୁଣାଣି ବର୍ତ୍ତମାନ ଉଚ୍ଚତମ ନ୍ୟାୟାଳୟରେ ଜାରି ରହିଛି । ବିଭିନ୍ନ ବ୍ୟକ୍ତି ବିଶେଷ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ଯୌନସଂଖ୍ୟା ଲଘୁଙ୍କ ପରିବାର ବର୍ଗଙ୍କ ଦ୍ୱାରା ମଧ୍ୟ ଏହି ନିଷ୍ପତ୍ତି ସପକ୍ଷରେ ଅନେକ ଗୁଡ଼ିଏ ମାମଲା ଦାୟର ହୋଇଛି । ଏହା ଆଶା କରାଯାଉଛି ଯେ ଉଚ୍ଚତମ ନ୍ୟାୟାଳୟ ଭାରତର ଗଣତାନ୍ତ୍ରିକ ଓ ଉନ୍ନତିମୂଳକ ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ଏହା ନିଷ୍ପତ୍ତି ପ୍ରଦାନ କରିବେ ।

**ଯୁକ୍ତରାଷ୍ଟ୍ରଗୁଡ଼ିକର ସ୍ଥିତି:** ୨୦୦୮ ମସିହା ଡିସେମ୍ବର ମାସରେ ଯୁକ୍ତରାଷ୍ଟ୍ର ସଂଘର ସାଧାରଣ ସଭା ମଧ୍ୟ ସମର୍ଥନ ଦେଇ କହିଛି ଯେ, ସମସ୍ତ ଯୌନବର୍ଗ ଓ ଲିଙ୍ଗପରିଚୟଧାରୀ ବ୍ୟକ୍ତିଙ୍କୁ ଆର୍ନ୍ତଜାତୀୟ ମାନବିକ ଅଧିକାର ସୁରକ୍ଷା ମଧ୍ୟରେ ସାମିଲ କରାଯିବା ଦରକାର । ବିଶ୍ୱ ମାନବିକ ଅଧିକାରର ଘୋଷଣାନାମା ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ, ଏଣୁ ଭାରତ ଏକ ଉନ୍ନତ ଗଣତନ୍ତ୍ର ରାଷ୍ଟ୍ର ହିସାବରେ ଯୌନ ସଂଖ୍ୟାଲଘୁ ବ୍ୟକ୍ତିମାନଙ୍କ  ସମସ୍ୟାକୁ ସ୍ୱୀକାର କରିବା ଉଚିତ୍ ।

**ରେନ୍‌ବୋ ପ୍ରାଇଡ୍ ୱାକ୍ ବିଷୟରେ ପଦେ:** ପ୍ରତ୍ୟେକ ବର୍ଷର ସ୍ୱାଭିମାନର ମୂଲ୍ୟ ସମାନ । ସମଗ୍ର ପୃଥିବୀରେ ଅନେକ ସମଲିଙ୍ଗି ନାରୀ, ସମଲିଙ୍ଗି ପୁରୁଷ, ଉଭୟ ଲିଙ୍ଗି ଏବଂ ରୂପାନ୍ତରକାମୀ ବ୍ୟକ୍ତିମାନେ ଏହି ରେନ୍‌ବୋକୁ ବିଭିନ୍ନତା ଭିତରେ ସମାନତା ଓ ସଂଘତାର ଚିହ୍ନ ରୂପେ ଆବୋରି ନେଇଛନ୍ତି । ରେନ୍-ବୋ ପ୍ରାଇଡ୍ ୱାକ୍ ପ୍ରତି ବର୍ଷ ପଛକୁ ଫେରି ଚାହେଁ । ସେହି ଭାରତୀୟ ଇତିହାସର ପୃଷ୍ଠାରେ ଥିବା ସମଲିଙ୍ଗି ପ୍ରେମ କାହାଣୀକୁ ସେଥି ପ୍ରୋତ୍ସାହନ ପାଇବା ପାଇଁ ତଥା ସେହି ଅଗ୍ରଣୀ କର୍ମୀ ଯେଉଁମାନେ କଠୋର ପରିଶ୍ରମ କରି ସମସ୍ତ ପ୍ରକାର ଯୌନତା ସମ୍ପନ୍ନ ବର୍ଷ ଓ ଲିଙ୍ଗ ପରିଚୟ ପଦଧାରୀ ଏବଂ ସେମାନେ ସମ୍ବନ୍ଧିତ ଯୌନ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକୁ ଏକ ବୃହତ୍ତର ମାନବ ଅଧିକାର ଆନ୍ଦୋଳନରେ ସାମିଲ କରିଥିଲେ, ସେମାନଙ୍କ ଠାରୁ କିଛି ଉତ୍ସାହ ପାଇବା ପାଇଁ ମଧ୍ୟ ଏବଂ ୧୯୬୯ ମସିହାରେ ଆମେରିକାର ନ୍ୟୁୟର୍କ ସହରରେ ହୋଇଥିବା 'ଷ୍ଟୋନ୍ ୱାଲ୍ ରିୟଟ୍‌ସ' ଭଳି କାର୍ଯ୍ୟକ୍ରମକୁ ଆଲୋକପାତ କରାଇବା ପାଇଁ ଏହି ଦଙ୍ଗା ସମୟରେ ଆମେରିକାରେ ଥିବା ଯୌନ ସଂଖ୍ୟାଲଘୁ ବର୍ଗଙ୍କର ପୋଲିସ ନିର୍ଯ୍ୟାତନାର ବିରୁଦ୍ଧରେ ହୋଇଥିଲା, ଯାହାକି ସେମାନଙ୍କ ପାଇଁ ଏକ ଦୈନନ୍ଦିନ ଘଟଣା ହୋଇ ସାରିଥିଲା ।

ଯୌନ ସଂଖ୍ୟାଲଘୁ ବ୍ୟକ୍ତି କିମ୍ବା ଗୋଷ୍ଠି ମାନଙ୍କ ପ୍ରତି ଥିବା ସାମାଜିକ ବାସନ୍ଦ ଓ ଘୃଣା ଭାବ ବିରୋଧରେ ଲଢିବା ପାଇଁ ଏହା ଏକ ଉଦ୍ୟମ । ଏହା ବର୍ତ୍ତମାନ ମାନବ ଅଧିକାରର ସକ୍ରିୟ କାର୍ଯ୍ୟାବଳୀ ଭାବେ ବିଭିନ୍ନ ସ୍ଥାନରେ ଏକ ବାର୍ଷିକ ଉତ୍ସବ ରୂପେ ପାଳନ କରାଯାଉଛି, ଯାହାକି ପ୍ରତ୍ୟେକ ବ୍ୟକ୍ତି ଓ ସଂସ୍ଥା ଗୁଡ଼ିକୁ ଯୌନ ସଂଖ୍ୟାଲଘୁ ବର୍ଗଙ୍କ ପାଇଁ ଥିବା ସାମାଜିକ ବାସନ୍ଦ ଓ ଘୃଣାଭାବ ବିରୋଧ ଲଢ଼ିବା ପାଇଁ ଆହ୍ୱାନ ଦିଏ । ସେହି ସମାନ ପ୍ରକାରର କାର୍ଯ୍ୟକ୍ରମ ଚଳିତ ବର୍ଷ ପୃଥିବୀର ବିଭିନ୍ନ ସ୍ଥାନରେ ମଧ୍ୟ ଆୟୋଜିତ ହେଉଛି । ଭାରତର ରେନ୍‌ବୋ ପ୍ରାଇଡ୍ ୱାକ୍ ପ୍ରଥମ ଥର ପାଇଁ ୧୯୯୯ ମସିହାରେ କଲିକତାରେ ଆୟୋଜିତ ହୋଇଥିଲା ।

ମନ୍ଦିର ମାଳିନୀ ସହର ଭୁବନେଶ୍ୱରରେ ଏହି ବର୍ଷ 'ରେନ୍‌ବୋ ପ୍ରାଇଡ୍ ୱାକ୍' ଦ୍ୱିତୀୟ ଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଛି । ଗତବର୍ଷ ଜୁନ୍ ୨୭ ତାରିଖରେ ଏହା ପ୍ରଥମଥର ପାଇଁ ଆୟୋଜିତ ହୋଇଥିଲା । 'ସମ୍ପର୍କ' ସାମୂହିକ ମଞ୍ଚର ନେତୃତ୍ୱରେ ଏହି ବର୍ଷର କାର୍ଯ୍ୟକ୍ରମ ୨୦୦୯ ମସିହା ଜୁଲାଇ ୨ ତାରିଖରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ଧାରା ୩୭୭ ସମ୍ପର୍କିତ ମତକୁ ସମ୍ମାନ ଜଣାଇବା ଏବଂ ବିଭିନ୍ନ କ୍ଷେତ୍ରରେ ଯୌନ ସଂଖ୍ୟା ଲଘୁଗୋଷ୍ଠୀ ସମ୍ମୁଖୀନ ହେଉଥିବା ଘୃଣା ଓ ଭେଦଭାବ ବିଷୟରେ ଜନସାଧାରଣଙ୍କ ଦୃଷ୍ଟି ଆର୍କଷଣ କରିବା ପାଇଁ ଲକ୍ଷ ରଖିଛି ।

ଆମେ ଆମର ଏହି ଉଦ୍ୟମକୁ ଏକ ସଫଳତାରେ ପରିଣତ କରିବା ପାଇଁ ଆପଣଙ୍କ ସହଯୋଗ ଚାହୁଁ । ବର୍ତ୍ତମାନ ଅନ୍ୟାୟ ବିରୁଦ୍ଧରେ ଲଢ଼ିବାର ସମୟ । ଆମେ ସମସ୍ତଙ୍କୁ ଏହି ରେନ୍‌ବୋ ପ୍ରାଇଡ୍ ୱାକ୍ ରେ ଯୋଗ ଦେବା ପାଇଁ ପାଇଁ ସ୍ୱାଗତ କରୁଛୁ । ଆମେ ମିଳିମିଶି ଏକ ପରିବର୍ତ୍ତନ ଆଣିପାରିବା ।

**ସମ୍ପର୍କ ବିଷୟରେ:** ସମ୍ପର୍କ ୨୩ ଗୋଟି ସାମାଜିକ ସଂଗଠନ ମାନଙ୍କର ଏକ ସାମୂହିକ ମଞ୍ଚ ଯାହା ମାର୍ଚ୍ଚ ୨୦୦୯ ମସିହାରେ ଗଠିତ ହୋଇଥିଲା । ଏହା ଓଡ଼ିଶାର ଯୌନ ସଂଖ୍ୟାଲଘୁ ଗୋଷ୍ଠୀ ଏବଂ ଏଚ.ଆଇ.ଭି.ଯୁକ୍ତ ବ୍ୟକ୍ତିମାନଙ୍କର ଦକ୍ଷତା ବୃଦ୍ଧିକରିବା ଏବଂ ସେମାନଙ୍କର ସ୍ୱାସ୍ଥ୍ୟ ଓ ଅଧିକାର ଦିଗରେ କାର୍ଯ୍ୟ କରେ । ଏହା ସାଥୀର ଏକ ପ୍ରୟାସ । ସାଥୀ, ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ, ଏଚ.ଆଇ.ଭି ଓ ମାନବ ଅଧିକାର ଦିଗରେ କାର୍ଯ୍ୟ କରେ । ଏହି ସାମୂହିକ ମଞ୍ଚ, ଡ଼ି.ଏଫ୍.ଆଇ.ଡ଼ି-ସିଭିଲି ସୋସାଇଟି ଚାଲେଞ୍ଜ୍ ଫଣ୍ଡ ଗ୍ଲାସଗୋ ଏବଂ ଇଣ୍ଟରାକ୍ଟ୍, ୱାଲର୍ଡ୍‌ୱାଇଡ୍, ଲଣ୍ଡନ ଦ୍ୱାରା ସହାୟତା ପ୍ରାପ୍ତ । ସାଥୀ, ଭୁବନେଶ୍ୱର କାର୍ଯ୍ୟାଳୟ ଏହି ମଞ୍ଚର ସଚିବାଳୟ ଅଟେ । ଅଧିକ ଜାଣିବା ନିମନ୍ତେ ସମ୍ପର୍କର ବିବରଣୀ ପତ୍ର (ପ୍ରୋଫାଇଲ୍) ଦେଖନ୍ତୁ । ଯୋଗାଯୋଗ: ୦୬୭୪ ୨୫୫ ୨୮୪୫ (ସାଥୀ), saathii@yahoo.com

**ରେନ୍‌ବୋ ପ୍ରାଇଡ୍ ୱାକ୍ ୨୦୧୦ର କାର୍ଯ୍ୟସୂଚୀ (ଜୁଲାଇ ୩, ୨୦୧୦)**

**ଅପରାହ୍ନ ୩.୩୦ରୁ ୪.୩୦: ପଦଯାତ୍ରା, ମାଷ୍ଟର କ୍ୟାଣ୍ଟିନ୍ ଛକ ଠାରୁ ଆରମ୍ଭ ହୋଇ ଶ୍ରିୟା ଛକ ଓ ରାମ ମନ୍ଦିର ଦେଇ ସୁଭମ୍ ମାର୍କେଟ କମ୍ପ୍ଲେକ୍ସରେ ସମାପନ ହେବ ।**

**ସନ୍ଧ୍ୟା ୪.୩୦ରୁ ୫.୦୦: ସଦ୍‌ଭାବନା ସଭା, ହୃଷିକେଷ ପରି ଅନ୍ୟ ଯେଉଁମାନେ ସାମାଜିକ ଘୃଣା ଭେଦଭାବ ଓ ସାମାଜିକ ତିରସ୍କାରର ଶିକାର ହୋଇଛନ୍ତି ସେମାନଙ୍କ ସ୍ମୃତି ଚାରଣ, ପଥପ୍ରାନ୍ତ ନାଟକ, ସ୍ଥାନ: ସୁଭମ୍ ମାର୍କେଟ୍ କମ୍ପ୍ଲେକ୍ସ ।**

**ସନ୍ଧ୍ୟା ୫.୦୦ରୁ ୫.୩୦: ମହମବତୀ ପ୍ରଜ୍ୱଳନ ଓ ସମାପନ ବାର୍ତ୍ତା**

**ଅଧିକ ତଥ୍ୟ ପାଇଁ ଦୟାକରି ଯୋଗାଯୋଗ କରନ୍ତୁ- ଡ. ମିତାଲି ମହାନ୍ତି (୦୯୩୩୭୨ ୭୨୬୪୪), ବିଶ୍ୱଭୂଷଣ ପଟ୍ଟନାୟକ (୦୯୩୩୮୦ ୪୭୩୮୪), ମାୟାଧର ପରିଡ଼ା (୦୯୯୩୮୯ ୭୧୮୦୯)**